# Unveiling of The Logo, Theme and Website of India's G20 Presidency

November 08, 2022

## ଭାରତର ଜି20 ଅଧ୍ୟକ୍ଷତାର ଲୋଗୋ, ଥିମ୍ ଏବଂ ୱେବସାଇଟ ଉନ୍ମୋଚିତ

**ନଭେମ୍ବର 08, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତର ଜି20 ଅଧ୍ୟକ୍ଷତାର ଲୋଗୋ, ଥିମ୍ ଏବଂ ୱେବସାଇଟକୁ ଉନ୍ମୋଚନ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ୍ ଉପାୟରେ ଉନ୍ମୋଚିତ ହୋଇଥିବା ଲୋଗୋ ଏବଂ ଥିମ୍ ନିମ୍ନରେ ଦିଆଯାଇଛି:

**ଲୋଗୋ ଏବଂ ଥିମ୍**

ଜି20 ଲୋଗୋ ଭାରତର ଜାତୀୟ ପତାକାରେ ଥିବା ଜୀବନ୍ତ ରଙ୍ଗ ଯଥା ନାରଙ୍ଗୀ, ଧଳା ଓ ସବୁଜ ଏବଂ ନୀଳ ରଙ୍ଗରୁ ପ୍ରେରିତ ହୋଇଛି। ଏହା ପୃଥିବୀକୁ ପଦ୍ମ ସହିତ ଯୋଡିଥାଏ। ପଦ୍ମ ହେଉଛି ଭାରତର ରାଷ୍ଟ୍ରୀୟ ଫୁଲ ଯାହା ସମସ୍ୟା ମଧ୍ୟରେ ଅଭିବୃଦ୍ଧିକୁ ପ୍ରତିଫଳିତ କରିଥାଏ। ଏହି ଲୋଗୋରେ ଥିବା ପୃଥିବୀ ଜୀବନ ପ୍ରତି ଭାରତର ଗ୍ରହ ସମର୍ଥକ ଦୃଷ୍ଟିକୋଣକୁ ଦର୍ଶାଏ ଯାହା ପ୍ରକୃତି ସହିତ ସମ୍ପୂର୍ଣ୍ଣ ଭାବେ ସମନ୍ୱୟ ରକ୍ଷା କରେ। ଜି20 ଲୋଗୋ ତଳେ ଦେବନାଗରୀ ଲିପିରେ "ଭାରତ" ଲିଖିତ ଅଛି।

ଲୋଗୋ ଡିଜାଇନ୍ ପାଇଁ ଏକ ଖୋଲା ପ୍ରତିଯୋଗିତା ମାଧ୍ୟମରେ ପ୍ରାପ୍ତ ବିଭିନ୍ନ ଏଣ୍ଟ୍ରିଗୁଡିକରେ ଥିବା ଉପାଦାନଗୁଡିକୁ ନେଇ ଏହି ଲୋଗୋ ଅଙ୍କିତ ହୋଇଥିଲା। ମାଇଗଭ (MyGov) ପୋର୍ଟାଲରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ 2000 ରୁ ଅଧିକ ପ୍ରତିଯୋଗୀ ଉତ୍ସାହର ସହ ଭାଗ ନେଇଥିଲେ। ଭାରତର ଜି20 ଅଧ୍ୟକ୍ଷତା ସମୟରେ ଜନ ଭାଗିଦାରୀ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁରୂପ ଏହା ଅନୁଷ୍ଠିତ ହୋଇଥିଲା।

ଭାରତର ଜି20 ଅଧ୍ୟକ୍ଷତାର ଥିମ୍ - "ବାସୁଦେବ କୁଟୁମ୍ବକମ୍" ବା "ଗୋଟିଏ ପୃଥିବୀ ଗୋଟିଏ ପରିବାର ଗୋଟିଏ ଭବିଷ୍ୟତ" - ମହା ଉପନିଷଦର ପ୍ରାଚୀନ ସଂସ୍କୃତ ପାଠରୁ ଗୃହୀତ। ଏହି ଥିମ୍ ମୁଖ୍ୟତଃ ସମସ୍ତ ଜୀବନର ମୂଲ୍ୟ – ଯଥା ମାନବ, ପଶୁ, ଉଦ୍ଭିଦ, ଏବଂ ଅଣୁଜୀବ – ଏବଂ ପୃଥିବୀରେ ଓ ବ୍ୟାପକ ବ୍ରହ୍ମାଣ୍ଡରେ ସେମାନଙ୍କର ପରସ୍ପର ସହିତ ସମ୍ପର୍କକୁ ସୁଦୃଢ କରେ।

ଏହି ଥିମ୍ ଲାଇଫ୍ (ପରିବେଶ ପାଇଁ ଜୀବନଶୈଳୀ) ଏବଂ ଏହା ସହିତ ଜଡିତ ତଥା ପରିବେଶ ଦୃଷ୍ଟିରୁ ସ୍ଥାୟୀ ଓ ଦାୟିତ୍ୱପୂର୍ଣ୍ଣ ପସନ୍ଦ ସହିତ ଉଭୟ ବ୍ୟକ୍ତିଗତ ଜୀବନଶୈଳୀ ଓ ଜାତୀୟ ବିକାଶକୁ ଉଲ୍ଲେଖ କରେ, ଯାହା ଏକ ପରିଷ୍କାର, ସବୁଜ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବୈଶ୍ୱିକ ପରିବର୍ତ୍ତନଶୀଳ କାର୍ଯ୍ୟ ପ୍ରତି ଧ୍ୟାନ ଆକର୍ଷଣ କରେ।

ଏହି ଲୋଗୋ ଏବଂ ଥିମ୍ ଏକତ୍ର ଭାରତର ଜି20 ଅଧ୍ୟକ୍ଷତାର ଏକ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରେ। ଆମେ ଅଶାନ୍ତ ସମୟ ଦେଇ ଗତି କରୁଥିବାବେଳେ ଏହି ବାର୍ତ୍ତା ଏକ ସ୍ଥାୟୀ, ସାମଗ୍ରିକ, ଦାୟିତ୍ୱବାନ ଏବଂ ସମ୍ମିଳିତ ଢଙ୍ଗରେ ସମଗ୍ର ବିଶ୍ୱରେ ନ୍ୟାୟସଙ୍ଗତ ଓ ସମାନ ବିକାଶ ପାଇଁ ପ୍ରୟାସ ନିମନ୍ତେ ଜୋର ଦେଇଥାଏ। ଏହି ଲୋଗୋ ଏବଂ ଥିମ୍ ଆମର ଜି20 ଅଧ୍ୟକ୍ଷତା ପାଇଁ ଏକ ବିଶେଷ ଭାରତୀୟ ଆଭିମୁଖ୍ୟକୁ ଦର୍ଶାଇଥାଏ ଯାହା ହେଉଛି ଆଖପାଖ ଇକୋସିଷ୍ଟମରେ ସଦ୍ଭାବନା ସହିତ ଜୀବନଯାପନ କରିବା।

ଭାରତ ପାଇଁ ଜି20 ଅଧ୍ୟକ୍ଷତା ମଧ୍ୟ "ଅମୃତକାଳ" ର ଆରମ୍ଭକୁ ଚିହ୍ନିତ କରେ। ଅମୃତକାଳ ହେଉଛି 25 ବର୍ଷର ସମୟ ଯାହା 15 ଅଗଷ୍ଟ 2022 ରେ ଭାରତର ସ୍ୱାଧୀନତାର 75 ତମ ବାର୍ଷିକୀ ଠାରୁ ଏହାର ସ୍ୱାଧୀନତାର ଶତବାର୍ଷିକୀ ପର୍ଯ୍ୟନ୍ତ, ଏବଂ ଏକ ଭବିଷ୍ୟବାଦୀ, ସମୃଦ୍ଧ, ଅନ୍ତର୍ଭୁକ୍ତ ଏବଂ ବିକଶିତ ସମାଜ ଗଢିବା ଦିଗରେ ଏହାର ମୂଳରେ ରହିଛି ମାନବ-କେନ୍ଦ୍ରିକ ଆଭିମୁଖ୍ୟ।

**ଜି20 ୱେବସାଇଟ**

ଭାରତର ଜି20 ଅଧ୍ୟକ୍ଷତାର ୱେବସାଇଟ www.g20.in ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ୱେବସାଇଟ ଜି20 ଅଧ୍ୟକ୍ଷତାର ୱେବସାଇଟ www.g20.org କୁ 1 ଡିସେମ୍ବର 2022 ରେ ସ୍ଥାନାନ୍ତରିତ ହେବ, ଯେଉଁ ଦିନ ଭାରତ ଜି20ର ଅଧ୍ୟକ୍ଷତା ଗ୍ରହଣ କରିବ। ଜି20 ଏବଂ ଲଜିଷ୍ଟିକ୍ ବ୍ୟବସ୍ଥା ବିଷୟରେ ମହତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା ସହିତ ଏହି ୱେବସାଇଟ ଜି20 ଉପରେ ସୂଚନା ଭଣ୍ଡାର ଭାବେ ନିର୍ମାଣ କରିବା ପାଇଁ ଏବଂ ସେବା ପ୍ରଦାନ କରିବା ପାଇଁ ମଧ୍ୟ ବ୍ୟବହୃତ ହେବ। ନାଗରିକମାନେ ସେମାନଙ୍କର ପରାମର୍ଶ ଦାଖଲ କରିବା ନିମନ୍ତେ ୱେବସାଇଟରେ ଏକ ବିଭାଗ ଅଛି।

**ଜି20 ଆପ୍**

ୱେବସାଇଟ ବ୍ୟତୀତ ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଏକ ମୋବାଇଲ୍ ଆପ୍ "ଜି20 ଇଣ୍ଡିଆ" ଜାରି ହୋଇଛି।

**ନୂଆଦିଲ୍ଲୀ**

**ନଭେମ୍ବର 08, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.